# Akashvani, Sambalpur

## SAMBALPURI NEWS EVENING BULLETIN

**4 November 2025- 7.02 pm- 7.12 pm.**

*********************************************

୧- ରାଜ୍ୟର୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତ୍ତି ପାଲନ୍ ଅବ୍‌ସରେ ହେବା ଖାସ୍ କାର୍ଯ୍ୟକ୍ରମ୍ ।

୨- କଟକ୍‌ର ଐତିହାସିକ୍ ବାଲିଯାତ୍ରା ଆଏବା କାଏଲ୍ ଠାନୁ ହେବା ମୁଲ୍- ଉଦ୍‌ଘାଟନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ପୁରୀ ଶ୍ରୀମନ୍ଦିର୍ ନ ଲକ୍ଷ୍ମୀ ନୃସିଂହ ବେଶଥି ଦର୍ଶନ୍ ଦେଲେ ମାହାପ୍ରୁ ।

- କାର୍ତ୍ତିକ୍ ପୁନି ଲାଗି ସାରା ରାଏଜେ ଉସ୍‌ନାକି ।

ଆଉର୍

୪- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌ଥି ନିୟୋଜିତ୍ କର୍ମଚାରୀମାନ୍‌କର୍ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କର୍‌ବାର୍‌କେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ନିର୍ଦ୍ଦେଶ୍ ।

ବନ୍ଦେ ମାତରମ୍- ଶହେ ୫୦ ବଛର୍ /ଆର୍ଏନ୍ୟୁ/ କଟକ୍/ଏକ୍ସ

ସ୍ୱାଧୀନତା ଆନ୍ଦୋଲନ୍ର ମୂଲ୍ୟବୋଧ ସଙ୍ଗେ ଯୁଆନ୍ ପିଢ଼ି ଆଉ ଛାତ୍ରଛାତ୍ରୀମାନ୍କୁ ଜୁଡ୍ବାର୍ ଲାଗି ଆଏବା ଶୁକ୍ରବାର୍ ଦିନ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ପାଲନ୍ କରାଯିବା । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର୍ ଲିଖିତ୍ ଇ କବିତାକେ ୧୮୯୬ ମସିହା ବେଲ୍କେ ଗୁରୁଦେବ ରବୀନ୍ଦ୍ର ନାଥ୍ ଟାଗୋର୍ ପହେଲାକରି ଗାଇଥିଲେ । ଇ ଗୀତ୍ ପରାଧୀନ୍ ଭାରତ୍ ନ ଦେଶ୍ବାସୀ ଆଉ ସ୍ୱାଧୀନତା ସଂଗ୍ରାମୀ ମାନ୍କର୍ ଭିତ୍ରେ ନୂଆଁ ଫୂର୍ତି ଆଉ ଆତ୍ମବିଶ୍ୱାସ୍ ଭରିଦେଇଥିଲା । ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ର ଶହେ ୨୭ ନମ୍ବର୍ ସଂସ୍କରଣ୍ରେ ଦେଶ୍ବାସୀଙ୍କୁ ସମ୍ବୋଧିତ୍ କରିକରି ପ୍ରଧାନ୍ମନ୍ତ୍ରୀ କହିଥିଲେ, ବନ୍ଦେ ମାତରମ୍ର ଧୁନ୍ ଶହେ ୪୦ କୋଟି ଭାରତୀୟଙ୍କର୍ ଭିତ୍ରେ ଏକତାର୍ ଶକ୍ତି ଭରିଦେସି । ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଉତ୍ସବ୍କେ ସ୍ମରଣୀୟ କର୍ବାର୍ ଲାଗି ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ସମ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍ଫୁ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ପାଲନ୍ କର୍ବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଆଉ ଉଚ୍ଚଶିକ୍ଷା ବିଭାଗ୍କେ ଚିଠି କରାଯାଇଛେ । ଇ ଅବ୍ସରେ ବିଦ୍ୟାଳୟ

ଆଉ କଲେଜ୍ ମାନ୍‌କେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାଏବେ ।

୨ ନମ୍ବର୍ ଖେପ୍- ଏସ୍‌ଆଇଆର୍ ହି.ସ.

ଭାରତୀୟ ନିର୍ବାଚନ ଆୟୋଗ୍ ତର୍‌ଫୁ ୯ ଟା ରାଜ୍ୟ ଆଉ ୩ ଟା କେନ୍ଦ୍ରଶାସିତ୍ ଅଂଚଲ୍ ନ ଆଏଜ୍‌ଠାନୁ ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ୨ ନମ୍ବର୍ ଖେପ୍ ମୁଲ୍ କରାଯାଇଛେ । ଇ ଖେପେ ୫୧ କୋଟି ଭୋଟର୍‌ଙ୍କୁ ସାମିଲ୍ କରାଯିବା । ଇ ଅଭିଯାନ୍ ଡିସେମ୍ବର୍ ୯ ତାରିଖ୍‌ତକ୍ ଚାଲ୍‌ବା । ସୂଚ୍‌ନା ଅନ୍‌ସାରେ ୨୦୨୬ ଫେବୃଆରୀ ୭ ତାରିଖ୍ ସଂଶୋଧନ୍ ଉତ୍‌ରୁ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍‌ବା । ବିହାର୍ ନ ପହେଲା ଖେପେ ଏସ୍‌ଆଇଆର୍ ଲାଗୁ କରିକରି ୭ କୋଟି ୪୨ ଲାଖ୍ ଭୋଟର୍‌ଙ୍କର୍ ତାଲିକାଥି ସଂଶୋଧନ୍ କରାଯାଇଛେ ।

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଲନୀ ଆର୍‌ଏନ୍‌ୟୁ କଟକ୍

ଭାରତ୍‌ର ସଡ଼କ ଭିତିଭୂମିର୍ ବିକାଶ୍ ଲକ୍ଷ୍ୟଥି ଆଏବା ଗୁରୁବାର୍ ଦିନୁ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ୮୪ ନମ୍ବର୍

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଲନୀ ମୁଲ୍ ହେବା । କେନ୍ଦ୍ର ସଡ଼କ, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍କରୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ୫ ଦିନ୍ ଧରିକରି ହେବାର୍‌କେ ଥିବା ଇ ସମ୍ମିଲନୀଥି ସଡ଼କ୍ ଭିତିଭୂମି, ଉନ୍ନତିକରଣ୍ ଆଉ ନୂଆଁ କାର୍ଯ୍ୟକୌଶଲ୍ ବାବ୍‌ଦେ ଆଲୋଚନା କରାଯିବା । ଦେଶର୍ ଭିନ୍ ଭିନ୍ ଜାଗା ନୁ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଚେ ।

ବାଲିଯାତ୍ରା କଟକ୍ ସମ୍ବାଦଦାତା

କଟକ୍‌ର ଐତିହାସିକ ବାଲିଯାତ୍ରା ଆଏବା କାଏଲ୍‌ଠାନୁ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଐତିହ୍ୟ, କଳା, ସଂସ୍କୃତି, ମନୋରଞ୍ଜନ୍, ଖାଦ୍ୟ, ହସ୍ତଶିଳ୍ପ, ବ୍ୟବସାୟ ଆଉ ବାଣିଜ୍ୟର୍ ଇ ଉତ୍ସବ୍‌କେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ୍ ଭାବେ ଶୁଭାରମ୍ଭ କର୍‌ବେ । ଭାରତ୍ ନ ଅବସ୍ଥାପିତ୍ ଇଣ୍ଡୋନେସିଆର୍ ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍. କୃଷ୍ଣମୂର୍ତି ଇ ବଛର୍ ବାଲିଯାତ୍ରାଥି ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ୮ ଦିନ୍ ଧରିକରି ହେବାର୍‌କେ ଥିବା

ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ପର୍ଯ୍ୟଟକ୍‌ମାନ୍‌କର୍ ଭିଡ଼୍ ଜମ୍‌ସି ।

ପଣ୍ୟାଗାର୍ ନିଗମ-ଲାଭାଂଶ ହସ୍ତାନ୍ତର୍ I&PR

ଓଡ଼ିଶା ରାଜ୍ୟ ପଣ୍ୟାଗାର୍ ନିଗମ୍ ତର୍‌ଫୁ ଆଏଜ୍ ରାଜ୍ୟ ସର୍‌କାର୍‌ଙ୍କୁ ୨୦୨୧ -୨୨ ଆର୍ଥିକ୍ ବଛ୍‌ରର୍ ୩ କୋଟି ୪୦ ଲାଖ୍‌ନୁ ଅଏତ୍‌କା ଟଙ୍କା ଲାଭାଂଶ ଦିଆଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କୁ ସମବାୟ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ରାଜେଶ୍ ପ୍ରଭାକର୍ ପାଟିଲ୍ ଆଉ ନିଗମ୍‌ର ପରିଚାଲନା ନିର୍ଦ୍ଦେଶକ୍ ମିହିର୍ ପ୍ରସାଦ୍ ମହାନ୍ତି ଇ ଲାଭାଂଶ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ୨୦୨୧ -୨୨ ଆର୍ଥିକ୍ ବଛ୍‌ରେ ନିଗମ୍‌ର ମୋଟ୍ ଲାଭ୍ ୨୨ କୋଟି ୭୦ ଲାଖ୍ ୯୬ ହଜାର୍ ଟଙ୍କା ଥିଲା । ତାର୍ ୩୦ ପ୍ରତିଶତ୍ ହିସାବେ ଡିଭିଡେଂଟ୍ ଟଙ୍କା ୬ କୋଟି ୪୧ ଲାଖ୍ ଟଙ୍କାକେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କୁ ଦିଆଯାଇଛେ ।

ଫଂଚ୍‌କ ପୁରୀ/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ୍ ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ଅବ୍ସରେ ଆଏଜ୍ ମାହାପୁରୁ ମାନେ ଲକ୍ଷ୍ମୀ ନୃସିଂହବେଶ ବେଶ୍ଥି ଦର୍ଶନ୍ ଦେଉଛନ୍ । ଆଏଜ୍ ମାହାପୁରୁମାନେ ଭିନ୍ ଭିନ୍ ସୁନା ଅଲଙ୍କାର୍ ପିନ୍ଧିକରି ଅବକାଶ ନୀତି ଉତ୍ରୁ ଲକ୍ଷ୍ମୀ ନୃସିଂହ ବେଶଥି ଦର୍ଶନ୍ ଦେସନ୍ । ନୃସିଂହ ଦେବଙ୍କର୍ ଆଏଜ୍ ଆବିର୍ଭାବ୍ ଦିବସ୍ ହେଇଥିବାର୍ନୁ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଇ ଦୁର୍ଲଭ ବେଶ ଦର୍ଶନ୍ର ସ୍ୱତନ୍ତ୍ରତା ରହିଛେ ।

ଆଏବାକାଏଲ୍ କାର୍ତିକ୍ ପୁନି ଅବ୍ସରେ ମାହାପୁରୁମାନେ ରାଜରାଜେଶ୍ୱର ଆଉ ସୁନାବେଶଥି ଦର୍ଶନ୍ ଦେବେ । କାର୍ତିକ୍ ପୁନି ଆଉ ଡଙ୍ଗା ଉହୁଲାବାର୍ ଲାଗି ପୁରୀ ନ ଆଏଜ୍ଠାନୁ ଭକ୍ତମାନ୍କର୍ ଜବର୍ ଭିଡ୍ ଲାଗି ରହିଛେ । ଇତାକେ ନଜର୍ଥି ରଖିକରି ପୁଲିସ୍ ତର୍ଫୁ ପୁରୀ ଶ୍ରୀମନ୍ଦିର୍ ସହେତେ ମହୋଦଧି ଆଉ ଭିନ୍ ଭିନ୍ ପୁଷ୍କରିଣୀ ନ ବହୁତ୍ଟେ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ବଲି ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂ ସୂଚ୍ନା ଦେଇଛନ୍ ।

କାର୍ତିକ୍ ପୁନି ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ନ ଆଧ୍ୟାତ୍ମିକ ପରିବେଶ୍ ସୃଷ୍ଟି ହେଇଛେ । ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ ଭିଲ୍ ପୁରୀ ଶ୍ରୀମନ୍ଦିର୍ ନୀତିକାନ୍ତି ଅନ୍ସାରେ ମାହାପୁରୁମାନ୍କର୍ ବେଶ ଆର୍ ନୀତି କରାଯାଇଛେ ।

ମାହାପୁରୁମାନ୍‌କୁ ଆଏଜ୍ ଲକ୍ଷ୍ମୀ ନୃସିଂହ ବେଶଥି ସଜାଯାଇଛେ । ଇତାକେ ଡାଲିକିଆ ବଲି ଭିଲ୍ କୁହାଯାଏସି । ଆଏଜ୍ ପହପହନୁ ଅବକାଶ ଆଉ ସକାଳଧୂପ ନୀତି ଉତ୍‌ରୁ ମାହାପୁରୁମାନ୍‌କୁ ବେଶ କରାଯାଇଥିଲା । ଆଏବା କାଏଲ୍ ରାଜରାଜେଶ୍ୱର ବେଶଥି ମାହାପୁରୁ ମାନେ ଦର୍ଶନ୍ ଦେବେ ।

+୨ ଏକ୍ସରେଗୁଲାର୍- ଫର୍ମ ଫିଲ୍‌ଅପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ଦୁଇ ଏକ୍ସରେଗୁଲାର୍ ପରୀକ୍ଷା ଫର୍ମ ଫିଲ୍‌ଅପ୍ ସମିଆକେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବଢ଼ାଯାଇଛେ । ପରିଷଦ୍‌ର ବିଜ୍ଞପ୍ତି ଅନ୍‌ସାରେ, ବିନା ଜରିମାନାଥି ଫର୍ମ ଫିଲ୍‌ଅପ୍ ସମିଆ ଆଏବା ୧୧ ତାରିଖ୍‌ତକ୍ ବଢ଼ାଯାଇଛେ । ୨ ଶହ ଟଙ୍କା ଜରିମାନା ସହେତେ ୧୩ ତାରିଖ୍‌ନୁ ୧୮ ତାରିଖ୍ ଭିତ୍‌ରେ ଛାତ୍ରଛାତ୍ରୀ ଫର୍ମ ଫିଲଅପ୍ କରିପାର୍‌ବେ । ନଭେମ୍ବର୍ ୧୯ ନୁ ୨୧ ତାରିଖ୍ ଭିତ୍‌ରେ ୬ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ଫିଲ୍‌ଅପ୍ କରିପାର୍‌ବେ ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ସମଲିଙ୍ଗି -ଶିକ୍ଷା, ସ୍ୱାସ୍ଥ୍ୟ ସେବା ହି.ସ.

ରାଏଜେ କେତେଝନ୍ ସମଲିଙ୍ଗି ମାନ୍‌କୁ ଶିକ୍ଷା ଆଉ ସ୍ୱାସ୍ଥ୍ୟ ସେବା ୟୁଗେଇ ଦିଆଯାଇଛେ, ସେ ବାବ୍‌ଦେ ତଥ୍ୟ ଦେବାର୍‌କେ ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଶାଖାମାନ୍‌କୁ ଚିଠି କରାଯାଇଛେ । କେନ୍ ଜିଲ୍ଲା ନ କେତେ ସମଲିଙ୍ଗିଙ୍କୁ ଇ ସୁବିଧା ୟୁଗେଇ ଦିଆଯାଇଛେ, ସେ ବାବ୍‌ଦେ ତୁର୍‌ତି ପୂର୍ଣ୍ଣାଙ୍ଗ ତଥ୍ୟ ଦେବାର୍‌କେ ବିଭାଗ୍‌ର ସଚିବ ସୋନିଆ ବେହେରା ଜିଲ୍ଲାମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌କେ ଆଉ ୭ ଦିନ୍ ବାକି ଥିଲା ବେଲ୍‌କେ ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନ୍‌କର୍ ତର୍‌ଫୁ ଜୋର୍‌ଦାର୍ ପ୍ରଚାର୍ ଚାଲିଛେ । ଭାରତୀୟ ଜନତା ପାର୍ଟିର୍ ପ୍ରାର୍ଥୀ ଜୟ ଢୋଲକିଆ ଆଏଜ୍ କୋମ୍‌ନା ବ୍ଲକ୍‌ର ଜଟଗଡ଼, ଭୋଇପାଲି, ସୁକଲିମୁଣ୍ଡି, ଟିକ୍‌ରାପଡ଼ା ପଂଚାୟତ୍ ନ ନିର୍ବାଚନ୍ ପ୍ରଚାର୍ କରିଛନ୍ । ବିଜୁ ଜନତା ଦଲର୍ ପ୍ରାର୍ଥୀ

ସ୍ନେହାଙ୍ଗିନୀ ଛୁରିଆ ଆଏଜ୍ ନୂଆପଡ଼ା ୯ ନମ୍ବର୍ ଜିଲ୍ଲା ପରିଷଦ୍ ଜୋନ୍‌ର କୁଲିଆବନ୍ଧା, ଭନପୁର, ବୀରୋମାଲ୍, ଜାମ୍‌ପାଣି ଆର୍ ଗୋଡ଼ଫୁଲା ଠାନେ ଦଲର୍ ବରିଷ୍ଠ ନେତାମାନ୍‌କର୍ ସାଙ୍ଗେ ପ୍ରଚାର୍ କରିଛନ୍ । କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ କୋମ୍‌ନା ବ୍ଲକ୍‌ର ଟିକରାପଦା ସହେତେ ଭିନ୍ ଭିନ୍ ଜାଗା ନ ପ୍ରଚାର୍ କରିଛନ୍ ।

ଉପନିର୍ବାଚନ୍-ପୁଲିସ୍ କର୍ମଚାରୀ- ସ୍ୱାସ୍ଥ୍ୟସେବା

ଭୁବ୍‌ନେଶ୍ୱର୍

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଥି ନିୟୋଜିତ୍ ଥିବା କର୍ମଚାରୀ ଆଉ ଯବାନ୍ ମାନ୍‌କର୍ ସ୍ୱାସ୍ଥ୍ୟସେବାକେ ସୁନିଶ୍ଚିତ୍ କର୍‌ବାର୍‌କେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନୂଆପଡ଼ା ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ସାଁପ୍‌ଚବା, ହୃଦ୍‌ଘାତ, ଦୁର୍ଘଟଣା କି ଅଲ୍‌ଗା କେନ୍‌ସି ଜରୁରୀ ଥିତି ବେଲ୍‌କେ ନିୟୋଜିତ୍ କର୍ମଚାରୀମାନ୍‌କୁ ତୁର୍‌ତି ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଦର୍‌କାର୍ ପଡ଼୍‌ଲେ ସେମାନକୁ ଓଡ଼ିଶା କି ରାୟପୁର୍‌ର କେନ୍‌ସି ଭିଲ୍ ସର୍‌କାରୀ ଆଉ ବେସର୍‌କାରୀ ଡାକ୍ତର୍‌ଖାନା ନ ଚିକିତ୍ସା ବ୍ୟବସ୍ଥା

ୟୁଗାବାର୍‌କେ ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଗଙ୍ଗା ଦିବସ୍          ଏନ୍‌ଏସ୍‌ଡି

ଗଙ୍ଗା ନଦୀର୍ ସାଂସ୍କୃତିକ, ଐତିହାସିକ ଆଉ ଅର୍ଥନୈତିକ ମହତ୍ୱକେ ନଜର୍‌ଥି ରଖିକରି ୨୦୦୮ ମସିହା ନଭେମ୍ବର୍ ୪ ତାରିଖ୍  ଦିନ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଗଙ୍ଗାନଦୀକେ ଜାତୀୟ ନଦୀର୍ ମାଏନ୍‌ତା ଦିଆଯାଇଥିଲା । ଗଙ୍ଗାନଦୀର୍ ସୁରକ୍ଷା ଲାଗି ତିଆର୍ ହେଇଥିବା ଗଙ୍ଗା ଏକ୍ସନ୍ ପ୍ଲାନ୍ ର ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସେତେବେଲର୍ ପ୍ରଧାନ୍‌ମନ୍ତ୍ରୀ ଡକ୍ଟର୍ ମନ୍‌ମୋହନ୍ ସିଂ ଇ ଘୋଷ୍‌ନା କରିଥିଲେ । କୋଟି କୋଟି ହିନ୍ଦୁଙ୍କର୍ ସାଂସ୍କୃତିକ୍ ଆଉ ଧାର୍ମିକ୍ ମହତ୍ୱକେ ନଜର୍‌ଥି ରଖିକରି ଗଙ୍ଗାନଦୀର୍ ସୁରକ୍ଷା କର୍‌ବାର୍ ଲକ୍ଷ୍ୟ ନେଇକରି ଇ ଘୋଷ୍‌ନା କରାଯାଇଥିଲା । ସେ ଦିନ୍‌ଠାନୁ ଫି’ ବଛର୍ ଆଝିରର୍ ଦିନ୍‌କେ ଗଙ୍ଗା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ନାରୀ ସୁରକ୍ଷା ସେମିନାର୍      ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର୍ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି ଆଉ ଶକ୍ତିଶ୍ରୀ ସେଲ୍ ତର୍‌ଫୁ କଲେଜ୍ ପରିସର୍ ନ ଛାତ୍ରୀମାନ୍‌କର୍ ସୁରକ୍ଷାକେ ନେଇକରି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ଯୋଗ୍ ଦେଇକରି ନାରୀ ସୁରକ୍ଷା ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ ଆଇନ୍ ବାବ୍‌ଦେ ବୁଝେଇଥିଲେ ।

ଜୀବିକା ମିଶନ-ଚାଷୀ ଦ୍ରବ୍ୟ ବଂଟନ୍      ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଢୋଲ୍‌ପଡ଼ା ପଂଚାୟତ୍ ନ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ୍ ଜରିଏ ରବି ଚାଷ୍ ଲାଗି ଉନ୍ନତ ବିହନ୍, ଜୈବିକ୍ ସାର, ଅଣୁ ସାର ଆଉ କୀଟନାଶକ୍ ବଂଟା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମିଶନ୍ ଜରିଏ ଚାଷୀମାନେ ପାଉଥିବା ଲାଭ୍ ବାବ୍‌ଦେ ଆଲୋଚନା କରିଥିଲେ । କୃଷି ଅଧିକାରୀମାନେ ରବି ଚାଷ୍ ଲାଗି ସୁର୍‌ସୋ, ସୂର୍ଯ୍ୟମୁଖୀ ଚାଷ୍ ପ୍ରଣାଲୀର୍ ବିହନ୍ ଆଉ ସାର୍ ପ୍ରୟୋଗ୍ ବାବ୍‌ଦେ ଚାଷୀମାନ୍‌କୁ ସୂଚ୍‌ନା ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ । ଆଏବା ୬/୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏଜ୍ ସଖାଲେ କଲାହାଣ୍ଡି, କୋରାପୁଟ୍ ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେଇଥିଲା । ରାଜ୍ୟର୍ ଦକ୍ଷିଣ ଆଉ ଭିତ୍‌ରିଆ ଇଲାକା ନ ଗୁଟେ କି ଦୁଇଟା ଜାଗା ନ ସାମାଏନ୍ ବର୍ଷା ହେଇଛେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।